# ପ୍ରଥମ ପରିଚ୍ଛେଦ

ବୈଶାଖ ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ଦଗ୍‌ବଲପୁର କଏଁର ଊର୍ଦ୍ଧ୍ୱଦେଶରେ ବସି ଝକଝକ ଚନ୍ଦ୍ରିକାରାଶିକୁ ଧରଣୀବକ୍ଷରେ ଇତସ୍ତତଃ ବୁଣି ଦେଉ-ଅଛନ୍ତି । ଗିରି, ବନ, ନଦୀ ପ୍ରାନ୍ତର ସବୁ ଯେପରି ଚନ୍ଦ୍ରିକାର ଲହରୀ ଖେଳି ଯାଉଛି । 'ପୋଟେଲ ପୋଖରୀ'ର ଚନ୍ଦ୍ରିକା-ବିରଞ୍ଜିତ ତରଙ୍ଗ-ମାଳ, ସତେ ଯେପରି କୌମୁଦୀ-ବିତାନଖଣ୍ଡ ତଳେ ଖେପିପଡି ପବନରେ ଦୋହଲିଲା ପରି ଜଣା ଯାଉଛି । କ୍ଷୁଦ୍ର କ୍ଷୁଦ୍ର ତରଙ୍ଗମାନ ପଦ୍ମବନରେ ବାଧା ପାଇ ଅଶେଷ ଜଳକଣାର ସୃଷ୍ଟି କରି ଶୂନ୍ୟଦେଶକୁ ଅସଂଖ୍ୟ ମଣିମୁକ୍ତାରେ ଛାଇ ଦେଉଛନ୍ତି । ସେହି ଜଳକଣାକୁ ଆହାର ଭ୍ରମରେ, ବେଳେ ବେଳେ ସ୍ୱଚ୍ଛନ୍ଦ ମତ୍ସ୍ୟମାନେ ଡେଇଁଡେଇଁ ପଲକରେ ପୁଣି ଅଦୃଶ୍ୟ ହୋଇ ଯାଉଛନ୍ତି । ତୀରସ୍ଥ ବୃକ୍ଷଶାଖାରୁ ଚକ୍ରବାକର କରୁଣ କଳକୂଜନ ଦକ୍ଷିଣା ପବନରେ ବହି ଆସୁଛି । ଝିଣ୍ଟୋଇ ନକ୍ଷତ୍ରମଣ୍ଡଳରେ ଉଡ଼ି ଉଡ଼ି ରଜନୀ-ରାଣୀର ସ୍ୱାଗତ ଗୀତିକା ପାଠ କରୁଛି । ପୁଷ୍କରିଣୀର ତୀରଦେଶରେ କଳ୍-ମସୃଣଶିଳାନିର୍ମିତ ଜସ୍ୱଙ୍ଗ ବେଦିକାଟି ଯେପରି ତାହାର ଅପେକ୍ଷା କଲା ପରି ନିଶ୍ଚଳ ଭାବରେ ଠିଆ ହୋଇ ରହିଛି ।

'ପୋଟେଲ ପୋଖରୀ'ର ସେହି ଅପୂର୍ବ ଶୋଭାସମ୍ପଦ ପ୍ରତି ଦୃକ୍‌ପାତ ମାତ୍ର ନ କରି, ଜଣେ ଯୁବକ ସେ ବେଦିକା ପୂର୍ବଦେଶରୁ ତାହାର ପଢ଼ିଲ୍ୟ ଦୁଇ ବକ୍ଷସ୍ଥଳରେ ଦୁଇ ହସ୍ତର କରତଳକୁ ଦୃଢ଼ଭାବରେ ସଂଲଗ୍ନ ରଖି ଊର୍ଦ୍ଧ୍ୱଦୃଷ୍ଟିରେ କିଛିକ୍ଷଣ ଠିଆ ହୋଇ ରହିଲେ । ତାପରେ ସେହିପରି ଅବନତ ମସ୍ତକରେ ବେଦିକା ଉପରେ ଥପ୍ କରି ବସି ପଡିଲେ ।

କରିବାକୁ ଲାଗିଲେ—କେତେ କାକୁତି ମିନତି କଲେ; କିନ୍ତୁ ରାଧିକା ଦେଈ କାହିଁରେ ଭୁଲିଲେ ନାହିଁ । ସେ ସେହି ଗୋଟାଏ କଥା ଧରି ବସିଲେ—"ନା, ଆମର ଆଉ ପାଠ ପଢିବାର ଦରକାର ନାହିଁ ।"

ନବକିଶୋରଙ୍କ ବିଚ୍ଛେଦ ଲଳିତା ପ୍ରାଣରେ ବଡ଼ ଆଘାତ କଲା । ତାର ପୂର୍ବ ପରି କୌଣସି କର୍ମରେ ଉତ୍ସାହ, ସ୍ଫୂର୍ତ୍ତି, କି ସ୍ପୃହା ରହିଲା ନାହିଁ; ଏପରି କି, ଖାଇବା ପିଇବାରେ ମଧ୍ୟ ନିରୁତ୍ସାହ ହୋଇ ପଡ଼ିଲା । ରଙ୍ଗାଧର ଓ ରାଧିକା ଦେଈ କନ୍ୟାର ଏପରି ଅବସ୍ଥାର ପରିବର୍ତ୍ତନର କାରଣ ବୁଝି ପାରିଲେ । ଲଳିତା ପିତାମାତାଙ୍କର ବଡ଼ ଆଦରର ଧନ; ତେଣୁ ତାକୁ ନିଜର ପ୍ରାଣଠାରୁ ବଳି ଭଲ ପାଆନ୍ତି । ତାର ଏପରି ଦୁଃଖ ଦେଖି ଜନକ ଜନନୀ ବଡ଼ ବିଚଳିତ ହୋଇପଡ଼ିଲେ । ରଙ୍ଗାଧର ଆଉ ଈଷନ୍ମାତ୍ର ବିଳମ୍ବ ନ କରି ଲଳିତାର ଇଚ୍ଛାମତେ ସ୍କୁଲରେ ଛାଡ଼ି ଆସିଲେ ।

ଇଂରେଜି ପାଠ ଆରମ୍ଭ କଲା ସେ ଅଞ୍ଚଳରେ ଲଳିତା ପ୍ରଥମ । କରଣ କୂଳକୁ ଏଟା ନିହାତି ଅସୁନ୍ଦର କଥା । ସମାଜର ରକ୍ଷଣଶୀଳ ବୃଦ୍ଧମାନେ ରଙ୍ଗାଧରଙ୍କୁ ଭ୍ରୂକୁଟି କରିବାକୁ ଲାଗିଲେ । ରମଣୀମାନଙ୍କ ମହଲରେ ସମାଲୋଚନା ସମିତି ବସିଗଲା । ବହୁ ଦିନ ଅନଶନ ପରେ ଗୋଟାଏ ସୁଯୋଗ୍ୟ ଆହାର ଜୁଟିଛି—ସେ ଲୋଭ ସମ୍ବରଣ କରୁଛି କିଏ ? ସମାଲୋଚନା ଆରମ୍ଭ ହେଲା । କିଏ କହିଲା—"ଦିନକୁ ଦିନ ତ ଘୋର କଳିକାଳ ହେଲା, କିଏ କଣ କରିବ ? ମାଇକିନିଆ ଝିଅ କେଉଁ କାଳରେ ଇଂରେଜି ପାଠ ପଢୁଥିଲେ ? ଯାହା କାନ ଶୁଣି ନ ଥିଲା, ତାହା ତ ଅବ ଆଖି ଦେଖିଲା । ମାନ-ଇଜ୍ଜତକୁ ଟିକିଏ ହେଲେ ଭୟ ଅଛି ?" କିଏ କହିଲା—"ମାନ-ଇଜ୍ଜତ କଥା କି କଣ ମ ? କରଣକୂଳର ଝିଅ, ଭିତର କଥାଟି କେହି ନ ଜାଣନ୍ତି ଉପରଟି ବୋଟି କମ । ଆଜିକାଲି କାଳରେ ମାନ-ଇଜ୍ଜତ, ଚୁଲିକୁ କିଏ ନାହିଁ ପଚାରେ ? ଯେ ଯେତିକି ବେହିଆରେ ନାଚି ପାରିଲା, ତାର ସେତିକି ଗୁଣ ବଢ଼ିଲା ।" କିଏ କହିଲା—"ମୂର୍ଖିଆ ଲୋକମାନେ ତ ଟିକିଏ ଲଜ୍ଜା ସରମକୁ ଖାତିର କରୁ ନାହାନ୍ତି ।"

ବାସ୍ତବରେ ଏତେ ବଡ଼ ଲଜ୍ଜାଜନକ କଥାଟାକୁ ରଙ୍ଗାଧର ଆଦୌ ଖାତିର କଲେ ନାହିଁ । ରାଧିକା ଦେଈ କିନ୍ତୁ ଟିକିଏ ବିଚଳିତ ହୋଇ

"ମୋର ଖାଲି ଗୃଭଲ ସେରେ ନବା ଦରକାର, ଅଉ କିଛୁ ନାହିଁ।" 'ନାଭୀ ଅପା, ଶୁଣୁ ଶୁଣୁ'—ପୋଷ୍ଟ ପିଅନ୍ ହେଙ୍କବେଳେ ଡାକିଲା। ନାଭୀ ଦୁଲ୍କି ଦୁଲି ଛଣ ଯାଇ ପିଅନ ପାଖରେ ଠିଆ ହେଲେ।

ପିଅନ ଚିଠି ଖଣ୍ଡେ ଦେଖି ଦେଖି କହିଲା, "ଅଲୋ ତମ ଗାଁରେ ଶ୍ରୀମତୀ ଲଳିତା ଦେଈ କିଏ ?" ନାଭୀ, ବୋଝଟି ଦେଇଦେଇ ବସିପଡ଼ିଲା। କହିଲା—"ଶେଷମତୀ !"

"ହଁ, ଶ୍ରୀମତୀ ଲଳିତା ଦେଈ।"

"ଅଲୋ ମହିଅଣି, ଶେଷମତୀ କା ନାଁ ? ନାଇଁରେ ଟିସ୍ମତୀ ତ ଶଙ୍କର ମା' ନା—ସେ ମଲଣି।"

"ନାହିଁ ଲୋ, ଶ୍ରୀମତୀ ଲଳିତା ଦେଈ।"

"ଲଳିତା ଦେଈ ? ଦେଈ ଆଉ କିଏ ? ଦେଈ ତ ମୋ ଝିଅ ନାଁ—ସେ ତା ଶାଶୁ ଘରେ। ନାଇଁ ରେ ତୁ ଭଲ କରି ଦେଖେ—ଅଉ କା ନାଁ ହୋଇଥିବ।"

"ହାଉ, ଦେଈ ଫେର। ମୁଁ କହୁଛି ଲଳିତା ଦେଈ; ସେ କହୁଛି ଦେଈ ମୋ ଝିଅ ନାଁ। ଅଲୋ ଲଳିତା କିଏ ନାହିଁ ?"

ନାଭୀ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ମନେ ମନେ ଗାଁର ସମସ୍ତ ସ୍ତ୍ରୀମାନଙ୍କର ନାମ ସ୍ମରଣ କରିବାକୁ ଲାଗିଲା। ନାଭୀର ଚିନ୍ତା ଦେଖି ପିଅନ ଆଉ ଥରେ ସେ ଚିଠି ଉପରେ ନଜର ପକାଇ କହିଲା, 'ରଙ୍ଗାଧର ମହାନ୍ତିର କିଏ ହୁଏ କି ସେ ଲଳିତା ?' ଦୁଲ୍କି କହିଲା, "ହଁ, ହଁ, ତାର ଝିଅ ତ ନଳିତା।" ନାଭୀ ଚମକି ଉଠିଲା। ଛିଦ୍ର କାମୁଡ଼ି ପକାଇ ଶୂନ୍ୟ ଦୃଷ୍ଟିରେ ଟିକିଏ ରହିଗଲା। ତାପରେ ଖୁବ୍ ଗୋଟାଏ ଜୋର୍ ଓ ଅସ୍ୱାଭାବିକ ହସଟାଏ ହସି କହିଲା, "ସତେ ମହିଅଣି, ତୁ ତ ଲୁଗା ମାଡ଼ ବସିଚୁ, ମୁଁ ଗାଁ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଖୋଜି ଖୋଜି ଥକିଗଲଣି।" ପିଅନକୁ ଲକ୍ଷ୍ୟ କରି କହିଲା— "ତାର କଣ ଚିଠି ଅଇଚି କିରେ ଚନ୍ଦ୍ରାମଣି ?"

"ହଁ"

"କିଏ ଦେଇଚି ? ଏ ଅଇଆଣୀ ମାଇକିନିଅ ଝିଅଟା ନାଁରେ କିଏ ପୁଣି ଗୋଟା ଚିଠି ଦେଲା ମ ?"

ଅପବାଦ, ଅପମାନ—ଏସବୁକୁ କଣ ଭୟ ଅଛି ? ପିଲିଦିନରୁ ଶୁଣି ଶୁଣି ସହି ସହି ଦେହ ମୋର ସନ୍ଧି ଗଲାଣି । ସେ ସବୁ ମୋର ଭୂଷଣ କହିଲେ ଚଳେ । ଛାଡ଼, ସେ ସବୁରୁ ଅଉ କଣ ମିଳିବ ? ମୁଁ କାଲିଠାରୁ ପୂର୍ବ ପରି ଆମଘରେ ସ୍କୁଲ କରିବ । ତମେ ବୃଥାଷ୍ଠାରେ ବସି ସେସବୁ ବିଷୟରେ ଭାବ ନାହିଁ ।"

ଲଳିତା ଚୁପ୍ ରହିଗଲା । ସର କଣ ଉତ୍ତର ଦେବ, କିଛି ଭାବି ନ ପାରି ନୀରବରେ ବସିରହିଲା ।

---

## ଚତୁର୍ଦ୍ଦଶ ପରିଚ୍ଛେଦ

ବନଗୁଡ଼ାକ ଗୁହୁଁ ଗୁହୁଁ ବନ୍ୟାଜଳ ପରି ବହି ଯାଉଅଛି । ଶରଧା ଦେଈ ମରିବାର ଅତେଇ ବର୍ଷ ହୋଇଗଲାଣି । ସୁଦୀର୍ଘ ଅଢ଼େଇ ବର୍ଷ ପରେ କୈଳାସଚନ୍ଦ୍ର ଗ୍ରାମରେ ପଦାର୍ପଣ କରିଛନ୍ତି । ଅମାବାସ୍ୟାରେ ଚନ୍ଦ୍ର ଦେଖିଲା ପରି ସରର ଆନନ୍ଦର ସୀମା ନାହିଁ । ପିତାଙ୍କର ପଦ-ପ୍ରକ୍ଷାଳନ ଲାଗି ପାଣି ଦେଉଁ ଦେଉଁ କହିଲା, "ନବ କାହିଁ ବାପା, ବାଟରେ କେଉଁଠି ଅଛି, ନା କଲିକତାରୁ ଆସି ନାହିଁ ?" କୈଳାସଚନ୍ଦ୍ରଙ୍କର କଲିକତାରୁ ଗ୍ରାମକୁ ଅସିବା ଏଥର ନୂତନ ନୁହେଁ । ସେ ଯେବେ ଘରେ ଗୋଡ଼ ଦିଅନ୍ତି, ସରର ବୈଧବ୍ୟଦୁଃଖ ତାଙ୍କର ହୃଦୟ ମନ୍ଥନ କରି ପକାଏ, କରୁଣାରେ ତାଙ୍କର ହୃଦୟ ଭରିଯାଏ, ସଙ୍ଗେ ସଙ୍ଗେ ଆଖି ଦିଓଟି ମଧ୍ୟ ଆର୍ଦ୍ର ହୋଇଆସେ । ଏଥର କିନ୍ତୁ ସରକୁ ଦେଖି ତାଙ୍କର କପାଳ ଗୋଟାଏ ବିରାଗ ଭାବ ଦେଖା-ଗଲା । ସେ ପ୍ରଥମେ ସରକୁ କୁଶଳ ପ୍ରଶ୍ନ କରିବା ତ ଦୂରର କଥା, ସର ପ୍ରଶ୍ନର ପ୍ରତ୍ୟୁତ୍ତରରେ ମୁହଁ ଭାରିକରି ରୁକ୍ଷ ସ୍ୱରରେ କହିଲେ, "କାହିଁକି ? ତା ଲାଗି ଏଠାରେ କେଉଁ କାମ ବାକି ପଡ଼ିଛି କି ?" ସର ଆଶ୍ଚର୍ଯ୍ୟ ହୋଇଗଲା । ମନେ ମନେ ଭାବିଲା, ପଥଶ୍ରାନ୍ତ ହେଉ ବାପା ବୋଧହୁଏ ଭଲ ବୋଧ କରୁ ନାହାନ୍ତି ।

ଯଥାସମୟରେ ଆହାରାଦି ଶେଷ କରି କୈଳାସଚନ୍ଦ୍ର ଶଯ୍ୟାଶାୟୀ ହେଲେ । ବିନ୍ଦ୍ରାଦେବୀ ଏକାକିନୀ ଆସିବାର କେବେହେଲେ ଶୁଣା ନାହିଁ ।

